Chapter-3

# ବୈଜ୍ଞାନିକ ଗୋକୁଳାନନ୍ଦ

## STUDY NOTE

### MIND MAP



ଉତ୍କର୍ଷ କଳା ଓ ସ୍ଥାପତ୍ୟର ଦେଶ ଓଡ଼ିଶା। ଏହି ରାଜ୍ୟ ପ୍ରକୃତିର ଗନ୍ତାଘର ଦ୍ୱାରା ସୁସଜ୍ଜିତ ଅଟେ। ଅନେକ ବୈଜ୍ଞାନିକ, ଦାର୍ଶନିକ, କଳାକାର, କବି ଓ ଶିଳ୍ପୀ ଏ ମାଟିରେ ଜନ୍ମଲାଭ କରିଛନ୍ତି। ସେମାନଙ୍କ ନିଷ୍ଠା ଓ ସାଧନା ସେମାନଙ୍କୁ ଚିରଦିନ ପାଇଁ ଅଭୁଲା ରଖିଛି।

କେବଳ ଓଡ଼ିଶା ନୁହେଁ ସାରା ଭାରତର ବୈଜ୍ଞାନିକମାନଙ୍କ ମଧ୍ୟରେ ଗୋକୁଳାନନ୍ଦ ଅନ୍ୟତମ। ଓଡ଼ିଶାର ଏକ ପୁରାତନ ସହର ଭଦ୍ରକ। ସେହି ସହରର କୁଆଁସ ଗ୍ରାମରେ ୧୯୨୧ ମସିହାରେ 'ଗୋକୁଳାନନ୍ଦ' ତାଙ୍କ ପିତାମାତାଙ୍କ କୋଳ ମଣ୍ଡନ କରିଥିଲେ। ତାଙ୍କୁ ମାତ୍ର ୯ ବର୍ଷ ହୋଇଥିବା ସମୟରେ, ତାଙ୍କ ପିତା ଇହଧାମ ତ୍ୟାଗ କରିଥିଲେ ଏବଂ ଭାଇ ମଧ୍ୟ ଦୁରାରୋଗ୍ୟ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ମାଆଙ୍କର ଦୟା ଓ ଆଶୀର୍ବାଦରେ ସେ ଏତେବଡ଼ ବୈଜ୍ଞାନିକ ହେବାର ପ୍ରେରଣା ପାଇଥିଲେ। ଅଭାବ, ଅନଟନରେ ଜର୍ଜରିତ ଗୋକୁଳାନନ୍ଦ ଅକ୍ଲାନ୍ତ ପରିଶ୍ରମ କଲେ ଓ କୃତୀତ୍ୱର ସହିତ ପାଶ୍ କରି ଉଚ୍ଚଶିକ୍ଷା ସମାପ୍ତି କଲେ। ପରେ ରେଭେନ୍ସା କଲେଜରେ ରସାୟନ ବିଭାଗରେ ଅଧ୍ୟାପକ ଚାକିରି କଲେ। ମାସିକ ଦରମା ହେଲା ଶହେଦଶ ଟଙ୍କା। ବହୁ ଅଭାବର ସମ୍ମୁଖୀନ ହୋଇ ମଧ୍ୟ ସେ ପ୍ରଗତି ପଥରୁ ଓହରି ଯାଇନାହାନ୍ତି। ଓଡ଼ିଶାରେ ବିଜ୍ଞାନ କ୍ଷେତ୍ରକୁ ତାଙ୍କର ଦାନ ଅବିସ୍ମରଣୀୟ। ବିଜ୍ଞାନକୁ ଓଡ଼ିଆ ଭାଷାରେ ସରଳ ଭାବରେ ଲେଖି, ପାଠକ ସମାଜକୁ ଆଲୋକ ଦେଖାଇ ପାରିଛନ୍ତି। ଓଡ଼ିଶାର କେବଳ ଜଣେ ଖ୍ୟାତନାମା ବୈଜ୍ଞାନିକ ନ ହୋଇ ସାରା ଭାରତରେ ନାମୀଦାମୀ ବୈଜ୍ଞାନିକଙ୍କ ମଧ୍ୟରେ ଅଗ୍ରଗଣ୍ୟ ହୋଇଛନ୍ତି 'ଗୋକୁଳାନନ୍ଦ'। ସେ ୧୯୫୭ ମସିହାରେ 'ଫଙ୍ଗସ୍' ଏବଂ ୧୯୬୩ରେ 'ଆମେରିକା କାଉନ୍ସିଲ ଅଫ୍ ସାଇଣ୍ଟିଫିକ୍ ରିସର୍ଚ୍ଚ ସେଣ୍ଟର'ରେ ମଣିଷ ଦେହର 'ଜିନ୍' ଭିତରେ ଥିବା ଡି.ଏନ୍.ଏ.ର ସଂରଚନା କରି ଦୁଇଟି ତଥ୍ୟର ଉଦ୍ଭାବନ ସେ କରିଥିଲେ। ଏକ ଧାରାରେ ସେ ଜଣେ ଶିକ୍ଷାବିତ୍ ଓ ବୈଜ୍ଞାନିକ ମଧ୍ୟ। ବିଜ୍ଞାନ ତଥ୍ୟ ସମ୍ବଳିତ ଲେଖାକୁ ପ୍ରଚାର ଓ ପ୍ରସାର କରିବାର ନିତ୍ୟ ତାଙ୍କର ପାଠ ପଢ଼ିବା ବେଳର ଉଦ୍ୟମ ଥିଲା। ତେଣୁ ରେଭେନ୍ସା କଲେଜରେ ଥିବା ସମୟରେ ବିଜ୍ଞାନ ରଚନା ପ୍ରତି ତାଙ୍କର ମନ ବଳିଥିଲା। ବିଜ୍ଞାନଭିତ୍ତିକ ଗଳ୍ପ ଉପନ୍ୟାସ ଇତ୍ୟାଦି ଲେଖିବା ତାଙ୍କ ଜୀବନରେ ଗୋଟିଏ ନିଶା ହୋଇଯାଇଥିଲା। ସେ ତାଙ୍କ ବାପାଙ୍କ ସ୍ମୃତି ଉଦ୍ଦେଶ୍ୟରେ 'ବିଜୟ ଗୋବିନ୍ଦ ସ୍ମାରକୀ ଦାତବ୍ୟ ଟ୍ରଷ୍ଟ' ଗଠନ କରି ସମ୍ମାନିତ କରନ୍ତି। ତାଙ୍କର ଲେଖନୀ ଚିରଜୀବନ୍ତ ହୋଇରହିଛି। ସେ ଜଣେ କିମ୍ବଦନ୍ତୀ ପୁରୁଷ। ସେ ସବୁଦିନ ପାଇଁ ଅମର ରହିଥିବେ।

ତାଙ୍କର ଏହି ଜୀବନୀରୁ ଆମେ ଏହା ଶିକ୍ଷା କରିବା ଯେ, ଇଚ୍ଛାଶକ୍ତି ଆଗରେ ଆର୍ଥିକ ଶତ୍ରୁ ହାର୍‌ମାନେ ଏବଂ ପ୍ରତିଭାର ବିକାଶ ଆଗରେ ଦାରିଦ୍ର୍ୟ ମୁଣ୍ଡ ନୁଆଁଇଥାଏ। ଅଭାବର ସମ୍ମୁଖୀନ ହେଲେ ମଧ୍ୟ ଅକ୍ଲାନ୍ତ ପରିଶ୍ରମ କରିଚାଲିବା ଓ ପ୍ରଗତିପଥରୁ ଓହରି ଯିବାନାହିଁ ।

ODM EDUCATIONAL GROUP Changing your Tomorrow